# ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ

(ଭୂ- ଅର୍ଜନ, ପୁନର୍ବାସ ଓ ଥଇଥାନ)

**<u>ସର୍ବସାଧାରଣ ନୋଟିସ୍</u>**

**ଭୂ-ଅର୍ଜନ କେଶ ନଂ ୦୫/୨୦୨୩**

ଯେହେତୁ ସନ – ୨୦୨୩ ମସିହା ଡ଼ିସେମ୍ବର ମାସ ତା ୦୪.୧୨ .୨୦୨୩ ରିଖ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିସୂଚନା ନଂ ୪୨୫୧୭ ବିଜ୍ଞାପନ କ୍ରମେ, ମୌଜା – ବଡମୁଣ୍ଡା, ଥାନା-ବାଲିମୀ, ତହସିଲ –ହିନ୍ଦୋଳ, ଜିଲ୍ଲା-ଢେଙ୍କାନାଳ ରେ ଏ ୪୭.୪୭୦ କର ଜମି ଅଧିଗ୍ରହଣ ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲା ରେ ଶିଳ୍ପ ପ୍ରତିଷ୍ଠା ସଂପ୍ରସାରଣ ନିମନ୍ତେ ରାଜ୍ୟ ସରକାର ପ୍ରଭାବିତ ଗ୍ରାମ ସ୍ତରରେ ନିମ୍ନ ଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ଏଥିନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରାଯାଇ ଅଛି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ ରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ, ୨୦୧୩ ର ଧାରା ୪ ଅନୁଯାଇ ଉକ୍ତ ସର୍ବେକ୍ଷଣ କରାଯାଇ ଅଛି ।

ଏହି ପରିପେକ୍ଷୀରେ ଜିଲ୍ଲାପାଳ, ଢେଙ୍କାନାଳ ଙ୍କ ଅଧିସୂଚନା ନଂ – ୮୦୪୨ ତା -୨୯.୦୭.୨୦୨୪ ରିଖ ଅନୁଯାଇ ଆସନ୍ତା ୨୧.୦୮.୨୦୨୪ ରିଖ ଦିବା ୨.୩୦ ଘଟିକା ସମୟରେ କଡଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବଡମୁଣ୍ଡା ଗ୍ରାମର ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ ।

**<u>କାର୍ଯ୍ୟସୂଚୀ</u>**

| କ୍ରମିକ ନଂ | ଗ୍ରାମ | ତାରିଖ ଏବଂ ସମୟ | ଜନଶୁଣାଣୀ ସ୍ଥାନ | ବେସରକାରୀ ଜମି (ଏକରରେ) | କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ବଡମୁଣ୍ଡା | ୨୧.୦୮.୨୦୨୪ ରିଖ ଦିବା ୨.୩୦ ଘଟିକା | କଡଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ | ଏ ୪୭.୪୭୦ ଡ଼ି | ଶ୍ରୀ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ୍), ଢେଙ୍କାନାଳ |

୧. ପ୍ରକଳ୍ପ ବିକାଶକାରୀଙ୍କ ନାମ - ଇଡ୍କୋ ଭୁବନେଶ୍ୱର (IDCO, Bhubaneswar)

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ :- କମ୍ପାନୀ ସଂପ୍ରସାରଣ (ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ନିମନ୍ତେ) ।

୩. ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-:- ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡିଜ, ଭୁବନେଶ୍ୱର ୦୬୭୪-୨୩୦୦୪୭୧, ୨୩୦୧୦୯୪ ଙ୍କ ତରଫରୁ ପ୍ରାଧୀକୃତ ସଂସ୍ଥା- (DCOR Consulting Private Limited -131(P), Panjabi Chhak, Satyanagar, Bhubaneswar, Odisha, Pin-75100, Phone-9437698965, 9438463984).

୪. ପ୍ରକଳ୍ପ ପାଇଁ ଢେଙ୍କାନାଳ ଜିଲ୍ଲାର ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ / ତଫସିଲ ଭୂମି ଅନୁସୂଚି ସାରଣୀ ନିମ୍ନରେ ଦର୍ଶାଯାଇଅଛି ।

**<u>ସାରଣୀ</u>**

| କ୍ରମିକ ନଂ | ତହସିଲ | ଗ୍ରାମ ପଞ୍ଚାୟତ | ଗ୍ରାମ | ବେସରକାରୀ ଜମି (ଏକରରେ) | ମନ୍ତବ୍ୟ |
|---|---|---|---|---|---|
| ୧ | ହିନ୍ଦୋଳ | କଡଲା | ବଡମୁଣ୍ଡା | ଏ ୪୭.୪୭୦ ଡ଼ି | |

ଏଣୁ ଉକ୍ତ ଜନଶୁଣାଣୀରେ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀ, ଜମିଧାରୀପ୍ରଜା, ସରପଞ୍ଚ, ୱାର୍ଡମେମ୍ବର ଏବଂ ଇଛୁକ ବ୍ୟକ୍ତିମାନେ ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାଇ ଧାର୍ଯ୍ୟ ହୋଇଥିବା ଦିନ, ସମୟ ଏବଂ ସ୍ଥାନରେ ଉପସ୍ଥିତ ରହି ନିଜର ଲିଖିତ/ ମୌଖିକ ମତାମତ ପ୍ରଦାନ କରିପାରିବେ ।

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ , ହିନ୍ଦୋଳ

ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୦ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ଇଡ୍କୋ ଭୁବନେଶ୍ୱର (IDCO, BBSR) / ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡିଜ, ଭୁବନେଶ୍ୱର (NCDS)ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା.

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୧ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳଙ୍କ ସଦୟ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା.

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୨ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ହିନ୍ଦୋଳଙ୍କ ସଦୟ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୩ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ହିନ୍ଦୋଳ ତହସିଲ କାର୍ଯ୍ୟାଳୟ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହିନ୍ଦୋଳ କାର୍ଯ୍ୟାଳୟ ନୋଟିସବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୪ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ / ଗ୍ରାମର କୋଠଘର /ଅଙ୍ଗନୱାଡି କେନ୍ଦ୍ର ଠାରେ ଲଟକା ଜାରି କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ଏବଂ ଏହାର ଏକକିତା ନକଲ ସଂପୃକ୍ତ ସରପଞ୍ଚଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ପରିପତ୍ର ସଂଖ୍ୟା ୩୮୨୫ / ତା ୩/୮/୨୦୨୪ ରିଖ

ଏହାର ଏକକିତା ନକଲ ଢେଙ୍କାନାଳ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ସୂଚନା ଏବଂ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ୱେବସାଇଟ୍ (NIC website) ରେ ପ୍ରକାଶନ ଏବଂ ସମସ୍ତ ଜନସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ତଥା ଭୂ- ଅର୍ଜନ ଅଧିକାରୀ, ହିନ୍ଦୋଳ
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ